# REGIONAL NEWS BULLETINS

## 18th March 2018

## Evening Bulletin : 6.45 pm.

****************************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ୍ ।

— ଆଜି ସକାଳେ ଶ୍ରୀମନ୍ଦିର ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି ଦମ୍ପତି ।

- ଅପରାହ୍ଣରେ ଭୁବନେଶ୍ୱର ଆଇ.ଆଇ.ଟି.ର ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଷ୍ଟ୍ରପତି ।
- ଆସନ୍ତା ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ।
- ବିଭିନ୍ନ ଦାବି ନେଇ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶିକ୍ଷକଙ୍କ ଗଣଧାରଣା ।

ଏବଂ

- ପୋଲିସ୍ ଇନ୍‌ଫର୍ମର ସନ୍ଦେହରେ ବରଗଡ଼ ଜିଲ୍ଲା ପାଇକମାଳ ଅଞ୍ଚଳରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ ।

**BBSR/R**

# ରାଷ୍ଟ୍ରପତି

ଆଇ.ଆଇ.ଟି.ରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ କେବଳ ନିଜର ହିତ ଚିନ୍ତା ନ କରି ସାମର୍ଥ୍ୟ ଅନୁସାରେ ସମାଜକୁ ସେବା ଦେବାପାଇଁ ଶପଥ ନେବା ଉଚିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ୍ ଆହ୍ୱାନ ଦେଇଛନ୍ତି । ଆଜି ଭୁବନେଶ୍ୱର ଆଇ.ଆଇ.ଟି.ର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ କୋବିନ୍ଦ୍ କହିଛନ୍ତି ଯେ, ଭୁବନେଶ୍ୱର ଆଇ.ଆଇ.ଟି. ଲୋକଙ୍କ ଜୀବନଧାରଣ ମାନ ଉନ୍ନତି ପାଇଁ ୬ଟି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଛି । ଆଇ.ଆଇ.ଟି. ଛାତ୍ରଛାତ୍ରୀମାନେ ଏହିପରି ଦେଶ ଓ ଜାତିର ସେବା କରିବା ଉଚିତ ବୋଲି ସେ କହିଛନ୍ତି । ଇଣ୍ଡିଆନ୍ ଅଏଲ୍‌ର ରାସାୟନିକ ବୈଷୟିକ କୌଶଳ ଶିଳାନ୍ୟାସ କରି ସେ କହିଛନ୍ତି, ହାଇଡ୍ରୋ-କାର୍ବନ୍ କ୍ଷେତ୍ରରେ ଏହା ବିଶ୍ୱର ପ୍ରଥମ ପ୍ରତିଷ୍ଠାନ । ସେହିପରି କୌଶଳ ବିକାଶ ପ୍ରତିଷ୍ଠାନର ଶିଳାନ୍ୟାସ କରି ସେ କହିଛନ୍ତି ଯେ, ଆସନ୍ତା ୧୦ ବର୍ଷ ମଧ୍ୟରେ ଏହି ପ୍ରତିଷ୍ଠାନ ୫୦ ହଜାର ଯୁବକ ଯୁବତୀଙ୍କୁ ତାଲିମ ଦେବ । ପ୍ରସଙ୍ଗକ୍ରମେ ସେ କହିଛନ୍ତି ଯେ, ଓଡ଼ିଶାର ପ୍ରଗତିପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ । ଆଇ.ଆଇ.ଟି. ପ୍ରତିଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି । ୨୦୦ ବର୍ଷ ପୂର୍ବେ ୧୮୧୭ ମସିହାରେ ପାଇକ

ବିଦ୍ରୋହର ନେତୃତ୍ୱ ନିଆଯାଇଥିବା ଏହି ସ୍ଥାନ ନିକଟରେ କ୍ୟାମ୍ପସ୍ ପାଇବା ଭୁବନେଶ୍ୱର ଆଇ.ଆଇ.ଟି.ପାଇଁ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ । ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଇଂରାଜୀ କିମ୍ବା ମାତୃଭାଷା ପରିବର୍ତ୍ତେ ସଂସ୍କୃତ ଭାଷାରେ ଶପଥ ନେଇଥିବାରୁ ଶ୍ରୀ କୋବିନ୍ଦ୍ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

***Voice :***.......... (ରାଷ୍ଟ୍ରପତି)

ଆଜିର ଏହି ଉତ୍ସବରେ ରାଜ୍ୟପାଳ ଡକ୍ଟର ଏସ୍.ସି. ଜମୀର, କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସତ୍‌ପାଲ ସିଂ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିଯାଇଛନ୍ତି ।

***Puri/R***

## ରାଷ୍ଟ୍ରପତି - ଜଗନ୍ନାଥ ଦର୍ଶନ

ତେବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଜି ସକାଳେ ତାଙ୍କର ପତ୍ନୀ ଶ୍ରୀମତୀ ସବିତା କୋବିନ୍ଦଙ୍କ ସହିତ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।  ସିଂହଦ୍ୱାରରେ ପହଞ୍ଚିବା ମାତ୍ରେ ସେଠାରେ ଉପସ୍ଥିତ ଥିବା ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା, ରାଜ୍ୟ ଆଇନ ସଚିବ ବିଭୂ ପ୍ରସାଦ ରାଉତରାୟ ଏବଂ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ତାଙ୍କୁ

ସ୍ୱାଗତ କରିବା ସହ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ରାଷ୍ଟ୍ରପତି ପରେ ଗର୍ଭଗୃହକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ମନ୍ଦିର ପରିସରରେ ଥିବା ମା’ ବିମଳା ଓ ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ । ଫେରିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆପାଟ ଏବଂ ସୁନାବେଶ ଥାଇ ଏକ ଆକର୍ଷଣୀୟ ପଟ୍ଟଚିତ୍ର ଉପହାର ଆକାରରେ ଦିଆଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ୨ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡାଯାଇନଥିଲା । ସିଂହଦ୍ୱାର ସମ୍ମୁଖରେ ରଖାଯାଇଥିବା ଦାନବାକ୍ସରେ ଏକ ବନ୍ଦ ଲଫାଫା ପକାଇଥିଲେ । ପରିଚାଳନା କମିଟି ସଭ୍ୟ ଏବଂ ବିଭିନ୍ନ ସେବକ ନିଯୋଗ କର୍ମକର୍ତ୍ତା ମନ୍ଦିର ଭିତର ବେଢାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ । ପୁରୀରେ ଏଏସ୍‌ଆଇର ଏକ କାର୍ଯ୍ୟାଳୟ ଖୋଲିବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ମହାନ୍ତି ରାଷ୍ଟପତିଙ୍କୁ ତାଙ୍କର ଏହି ଗସ୍ତ ଅବସରରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

***Puri/R***

# ପୁରୀ - ରାଷ୍ଟ୍ରପତି

ପୁରୀର ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ସମାନତା, ଶାନ୍ତି, ପ୍ରଗତି ଏବଂ ବିଶ୍ୱ ବନ୍ଧୁତ୍ୱଭାବକୁ ସୂଚୀତ କରେ । ଏଠାରେ ଶ୍ରମର ମହତ୍ତ୍ୱ ଓ ସ୍ୱଚ୍ଛତାର

ମାହାତ୍ମ୍ୟ ରହିଥିବାରୁ ଗଜପତି ମହାରାଜ ନିଜ ହାତରେ ରଥ ସଫା କରନ୍ତି ବୋଲି ରାଷ୍ଟ୍ରପତି ଶ୍ରୀ କୋବିନ୍ଦ କହିଛନ୍ତି । ପୁରୀ ଜ୍ଞାନବିଜ୍ଞାନ ସହ ଯୋଡ଼ି ହୋଇଥିବାରୁ ଏହାକୁ ବିଦ୍ୟାନଗରୀ କୁହାଯାଉଥିଲା । ଆଦି ଶଙ୍କରାଚାର୍ଯ୍ୟଙ୍କ ଏଠାରେ ପୀଠ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିବା ସମୟରେ ସଂସ୍କୃତ ଭାଷା ମାଧ୍ୟମରେ ଦେଶର ଏକତା ରକ୍ଷାକରିବା ଲାଗି ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣରେ ପୀଠ ସ୍ଥାପନ କରିଥିଲେ । ପୁରୀରେ ଜୟୀରାଜଗୁରୁ, ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ନୀଳକଣ୍ଠ ଦାଶଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ ଏବଂ ଏମାନେ ସମସ୍ତେ ସଂସ୍କୃତରେ ବିଦ୍ୱାନ ଥିଲେ ।

୨୦୧୪ ମସିହାରେ ଅନ୍ତରାଷ୍ଟ୍ରୀୟ ଯୋଗଦିବସ ପାଳନ ପାଇଁ ମିଳିତ ଜାତିସଂଘର ଉଦ୍ୟମ ଯୋଗବିଜ୍ଞାନର ମହତ୍ତ୍ୱକୁ ସ୍ୱୀକାର କରିଛି ବୋଲି ସେ କହିଥିଲେ । ଯୋଗବିଜ୍ଞାନର ମୂଳଗ୍ରନ୍ଥ ଯୋଗଶାସ୍ତ୍ର ହିରଣ୍ୟସଂହିତା ସଂସ୍କୃତରେ ଲିଖିତ ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ପ୍ରଭୁ ଜଗନ୍ନାଥଙ୍କ ସ୍ଥାନରେ ଏକହଜାର ଟଙ୍କିଆ ଓ ଦଶଟଙ୍କିଆ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଥିଲେ ।

***HS***

# ଧର୍ମେନ୍ଦ୍ର ପ୍ରଧାନ

ଆଇ.ଆଇ.ଟି. ଭୁବନେଶ୍ୱର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇ.ସି.ଟି.) ମୁମ୍ବାଇ

– ଇଣ୍ଡିଆନ୍ ଅଏଲ୍ କ୍ୟାମ୍ପସ୍‌ର ଶୁଭ ଉଦ୍‌ଘାଟନ ଓ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍.ଡି.ଆି.) ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଏହି ଦୁଇଟି ଅନୁଷ୍ଠାନ ଓଡ଼ିଆ ଯୁବପିଢ଼ିଙ୍କପାଇଁ ଉତ୍ତମ ତାଲିମ୍ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାର ବ୍ୟାପକ ସୁବିଧା ଉପଲବ୍ଧ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଇ.ସି.ଟି. ମୁମ୍ବାଇ- ଇଣ୍ଡିଆନ୍ ଅଏଲ୍ କ୍ୟାମ୍ପସ୍ ଓ ଏସ୍.ଡି.ଆଇ. କ୍ୟାମ୍ପସ୍ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଉଦ୍ୟମରେ ଓଡ଼ିଶାରେ ସ୍ଥାପିତ ହେଉଛି । ଏହି ଅବସରରେ ଉଦ୍‌ବୋଦନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ :

*Voice :........*

***HS***

# ଅମିତ୍ ଶାହା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ଏପ୍ରିଲ୍ ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବାର ସମ୍ଭାବନା ରହିଛି । ପଶ୍ଚିମ ଓଡ଼ିଶାରେ ହେବାକୁ ଥିବା ଯୁବ ସମାବେଶରେ ଶ୍ରୀ ଶାହା ଯୋଗଦେବେ । ଏ ନେଇ ଆଜି ବିଜେପି ରାଜ୍ୟସଭାପତି ବସନ୍ତ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଗଣଧାରଣା

ବିଭିନ୍ନ ଦାବି ନେଇ ଅଖିଳ ଓଡ଼ିଶା ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ତରଫରୁ ଆସନ୍ତାକାଲିଠାରୁ ଭୁବନେଶ୍ୱର ଲୋୟର ପି.ଏମ୍.ଜି.ଠାରେ ଗଣଧାରଣା ଦିଆଯିବ । ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ୨୦ ତାରିଖରୁ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ସଂଘ ପକ୍ଷରୁ କୁହାଯାଇଛି, ୨୦୦୮ରୁ ଆଜିପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ବିଷୟରେ ସରକାରୀ ସ୍ତରରେ ଆଲୋଚନା ହେଉ ନ ଥିବାରୁ ଲଏହି ଗଣଧାରଣା କରାଯାଉଛି । ସରକାରଙ୍କ କଥାକୁ ସମ୍ମାନ ଜଣାଇ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା; କିନ୍ତୁ ସରକାର ଆଜି ପର୍ଯ୍ୟନ୍ତ ୨୦୦୮ ପରବର୍ତ୍ତୀ ଅଧ୍ୟାପକମାନଙ୍କ କଥାର କିଛି ବିଚାର ନ କରିବାରୁ ସଂଘ ବାଧ୍ୟ ହୋଇ ଏପରି ପନ୍ଥା ଅବଲମ୍ବନ କରୁଛି । ଯଦି ସରକାର ଆମର ଦାବିକୁ ନ ଶୁଣନ୍ତି, ତେବେ ଆମେ ଆସନ୍ତା ୨୦ ତାରିଖରୁ ଆମରଣ ଅନଶନରେ ବସିବାକୁ ସଂଘ ତରଫରୁ ସ୍ଥିର କରାଯାଇଛି ।

*Bhadrak/R*

## ୧୪୪ ଧାରା ଜାରି

ଭଦ୍ରକରେ ଶ୍ରୀରାମ ନବମୀରେ ଶୋଭାଯାତ୍ରା ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସହରାଞ୍ଚଳରେ ୧୪୪ ଧାରା ଗତ ସନ୍ଧ୍ୟାରୁ ଜାରି କରାଯାଇଛି । ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ଅବଗତ କରାଯାଇଛି । ରାପିଡ୍ ଆକ୍ସନ ପୁଲିସ୍ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରିବା ସହ ପ୍ରମୁଖ ଛକରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ଭଦ୍ରକରେ ଶାନ୍ତି ସଦ୍‌ଭାବନା ବଜାୟ ରଖିବାପାଇଁ ଜିଲ୍ଲାପାଳ, ଏସ୍.ପି., ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ତେବେ ଏହି ୧୪୪ ଧାରା ବଳବତ୍ତର ଥିବାବେଳେ ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

*Baragarh/R*

## ମାଓବାଦୀଙ୍କ ହତ୍ୟା

ବରଗଡ଼ ଜିଲ୍ଲା ପାଇକମାଲ ଥାନା ସାଲେପାଲି ଗାଁରେ ପୋଲିସ ଇନଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ଗତକାଲି ସନ୍ଧ୍ୟାରେ ସାଲେପାଲି ଛକରେ ଏକ ଦୋକାନ କରିଥିବା ବିଜୟ

ସାହୁଙ୍କୁ ୧୫ ରୁ କୋଡ଼ିଏ ଜଣ ମାଓବାଦୀ ଦୋକାନରୁ ଡ଼ାକି ନେଇଯାଇଥିଲେ । ଆଜି ସକାଳୁ ନିକଟସ୍ଥ ଜଙ୍ଗଲରୁ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବା ପରେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ । ମୃତ ଦେହ ନିକଟରେ ହିନ୍ଦୀଭାଷାରେ ଲେଖାଥିବା ଦୁଇଟି ହାତଲେଖା କାଗଜକୁ ପୋଲିସ ଉଦ୍ଧାର କରାଯାଇଛି । ଗନ୍ଧମାର୍ଦ୍ଦନ ଡ଼ିଭିଜନ ମାଓବାଦୀ କମିଟି ନାଁ ରେ ଲେଖା ଥିବା ଏହି କାଗଜରେ  ପୋଲିସକୁ ସୂଚନା ଦେଇଥିବା ଅଭିଯୋଗରେ ବିଜୟକୁ ଜନ ଅଦାଲତରେ ମୃତ୍ୟୁଦଣ୍ଡ ଦିଆଯାଇଛି ବୋଲି ଉଲ୍ଲେଖ ହୋଇଛି ।  ସଂପୃକ୍ତ ଅଂଚଳରେ ସିଆରପିଏଫ ପକ୍ଷରୁ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି ।

********************************